ଭାରତୀୟ ରିଜର୍ଭ ବ୍ୟାଙ୍କ/ ୨୦୦୪/୩୦
ଡିସିଏମ୍ (ପି.ଏଲ୍.ଜି) ନଂ ୮୭୪/୧୦.୩୬.୦୦/୨୦୦୩-୦୪

ଜାନୁଆରୀ ୨୯, ୨୦୦୪

**ଅଧ୍ୟକ୍ଷ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ/ପରିଚାଳନା ନିର୍ଦ୍ଦେଶକ ସହଯୋଗୀ ବ୍ୟାଙ୍କ ସମୂହ/ଜାତୀୟ କରଣ ବ୍ୟାଙ୍କ ସମୂହର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ/ଅଧ୍ୟକ୍ଷ/ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ, ଘରୋଇ କ୍ଷେତ୍ର ବ୍ୟାଙ୍କ ସମୂହ/ବୈଦେଶିକ ବ୍ୟାଙ୍କ ସମୂହ କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ସମୂହ/ସ୍ଥାନୀୟ ଅଂଚଳ ବ୍ୟାଙ୍କ ସମୂହ।**

ମହାଶୟ,

**<u>କାଉଣ୍ଟରରେ ନୋଟ ଗଣନା ଯନ୍ତ୍ରର ବ୍ୟବସ୍ଥା</u>**

ଜନହିତରେ ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଅଧିନିୟମ ୧୯୪୯ର ଧାରା ୩୫(କ) ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନଭେମ୍ବର ୭,୨୦୦୧ରେ ଜାରୀ କରାଯାଇଥିବା ପରିପତ୍ର ଡ଼ିବିଓଡ଼ି ସଂ. ଡ଼ିଆଇଆର. ବିସି.୪୩/ ୧୩.୦୩.୦୦/ ୨୦୦୧-୦୧ରେ ପ୍ରଦତ୍ତ ନିର୍ଦ୍ଦେଶ କ୍ରମେ ସମସ୍ତ ବାଣିଜ୍ୟିକ ବ୍ୟାଙ୍କର ଶାଖାମାନେ ତାର-ସିଲେଇ ହୋଇ ନଥିବା ଅବସ୍ଥାରେ ନୋଟ ବିଡ଼ା ଜାରୀ/ଗ୍ରହଣ କରିବା ଆବଶ୍ୟକ। ଦୁଇପାଖରେ ସଂଖ୍ୟା ପ୍ରଦର୍ଶନ କଲାଭଳି ଯଥେଷ୍ଟ ସଂଖ୍ୟକ ନୋଟ ଗଣନା ଯନ୍ତ୍ର କାଉଣ୍ଟରରେ ସ୍ଥାପିତ କରି ଗ୍ରାହକମାନଙ୍କୁ ବିଡ଼ାରେ ନୋଟ ସଂଖ୍ୟାର ସଠିକତା ନିଶ୍ଚିତ କରାଇବା ପାଇଁ ଆମ୍ଭେ ମଧ୍ୟ ବ୍ୟାଙ୍କ ମାନଙ୍କୁ ବିଭିନ୍ନ ସମୟରେ ଉପଦେଶ ଦେଇ ଆସିଛୁ। ତଥାପି ଆମ୍ଭେ ଦୁଇପାଖରେ ସଂଖ୍ୟା ପ୍ରଦର୍ଶନ କଲାଭଳି ନୋଟଗଣନା ଯନ୍ତ୍ର ବହୁ ଶାଖାରେ ନଥିବା ସଂକ୍ରାନ୍ତ ଅଭିଯୋଗ ଜନସାଧାରଣଙ୍କ ଠାରୁ ଗ୍ରହଣ କରୁଛୁ । ତେଣୁ ଆପଣ ଗ୍ରାହକ ମାନଙ୍କ ବ୍ୟବହାର ପାଇଁ ବ୍ୟାଙ୍କ ଶାଖାରେ ଯଥେଷ୍ଟ ସଂଖ୍ୟାରେ ଏହି ଗଣନା ଯନ୍ତ୍ରର ବ୍ୟବସ୍ଥାକରି ଜନସାଧାରଣଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇବାର ବ୍ୟବସ୍ଥା କରିପାରନ୍ତି ।
ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ

(ଭି.ଆର ଗାଇକ୍ୱାର୍ଡ)
ମୁଖ୍ୟମହା ପ୍ରବନ୍ଧକ